# NATIONAL NEWS BULLETIN (ODIA)

**3 November - 2024**

**Morning Bulletin : 7.15 a.m.**

**********************************

## ମୁଖ୍ୟ ସମ୍ବାଦ

- ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ଆଜି ଦଳୀୟ ସଂକଳ୍ପପତ୍ର ଜାରି କରିବେ ବରିଷ୍ଠ ବି.ଜେ.ପି. ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ।
- ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କରଙ୍କର ଆଜିଠାରୁ ୬ ଦିନିଆ ଅଷ୍ଟ୍ରେଲିଆ ଏବଂ ସିଙ୍ଗାପୁର ଗସ୍ତ
- ଭାରତର ଆତ୍ମନିର୍ଭର ଅଭିଯାନ ଆଶାନୁରୂପ ଫଳ ପ୍ରଦାନ କରୁଛି, କହିଲେ ପ୍ରତିରକ୍ଷାମନ୍ତ୍ରୀ
- ସ୍ପେନ୍ ବନ୍ୟାରେ ମୃତ୍ୟୁସଂଖ୍ୟା ୨୧୧କୁ ବୃଦ୍ଧି

ଏବଂ

- ହାଇଲୋ ଓପନ୍ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ଫାଇନାଲ୍‌ରେ ପହଞ୍ଚିଲେ ଭାରତର ମାଳବିକା ବନ୍‌ଶୋଦ୍

## ଝାଡ଼ଖଣ୍ଡ - ଅମିତ୍ ଶାହା

ବରିଷ୍ଠ ବି.ଜେ.ପି. ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଆଜି ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ନେଇ ଦଳୀୟ ସଂକଳ୍ପପତ୍ର ଜାରି କରିବେ । ଦୁଇଦିନିଆ ଝାଡ଼ଖଣ୍ଡ ଗସ୍ତରେ ଯାଇ ଶ୍ରୀ ଶାହା ଗତ ରାତିରେ ରାଞ୍ଚିରେ ପହଞ୍ଚିଛନ୍ତି ।  ରାଜ୍ୟ ବିଧାନସଭା ନିର୍ବାଚନ ପ୍ରସ୍ତୁତି ନେଇ ଦଳୀୟ କର୍ମକର୍ତ୍ତାଙ୍କ ସହ ଶ୍ରୀ ଶାହା ଆଲୋଚନା କରିବେ ।  ଶ୍ରୀ ଶାହା ଆଜି ଘାଟଶିଲାର ଧାଲ୍‌ଭୁମ୍‌ଗଡ଼, ହଜାରିବାଗର ବରକଠା ଏବଂ ଛତ୍ରାର ହିମାରିଆଠାରେ ନିର୍ବାଚନ ର୍‍ୟାଲୀ ର୍‍ୟାଲିଗୁଡ଼ିକରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବାର କାର୍ଯ୍ୟସୂଚୀ ରହିଛି ।

## ଜୟଶଙ୍କର-ଅଷ୍ଟ୍ରେଲିଆ-ସିଙ୍ଗାପୁର

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଜିଠାରୁ ଅଷ୍ଟ୍ରେଲିଆ ଓ ସିଙ୍ଗାପୁରକୁ ୬ ଦିନିଆ ଗସ୍ତରେ ଯିବେ । ଡକ୍ଟର ଜୟଶଙ୍କର ଅଷ୍ଟ୍ରେଲିଆର ବ୍ରିସ୍‌ବେନ୍‌ଠାରେ ନବନିର୍ମିତ ଭାରତର ଚତୁର୍ଥ ବାଣିଜ୍ୟିକ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିବେ । କାନ୍‌ବେରାଠାରେ ଅନୁଷ୍ଠିତ ହେବାକୁ ଥିବା ପଞ୍ଚଦଶ ବୈଦେଶିକ ମନ୍ତ୍ରିସ୍ତରୀୟ ବୈଠକରେ ଡକ୍ଟର ଜୟଶଙ୍କର ଏବଂ ଅଷ୍ଟ୍ରେଲୀୟ ପ୍ରତିପକ୍ଷ ପେନି ୱଙ୍ଗ୍ ମିଳିତ ଭାବେ ସହ-ଅଧ୍ୟକ୍ଷତା କରିବେ । ବୈଦେଶିକ ବ୍ୟାପାର ମନ୍ତ୍ରୀ ଅଷ୍ଟ୍ରେଲିଆର ସଂସଦ ଭବନରେ ଅନୁଷ୍ଠିତ ହେବାକୁ ଥିବା 'ଦ୍ୱିତୀୟ ରାଇସିନା ଡାଉନ୍ ଅଣ୍ଡର'ର ଉଦ୍‌ଘାଟନୀ ସମାରୋହରେ ଉଦ୍‌ବୋଧନ ଦେବେ ।  ଡକ୍ଟର ଜୟଶଙ୍କର ଅଷ୍ଟ୍ରେଲିଆର

ନେତୃବୃନ୍ଦ, ସାଂସଦ, ପ୍ରତିଷ୍ଠିତ ଶିଳ୍ପପତି, ଗଣମାଧ୍ୟମ, ବୁଦ୍ଧିଜୀବୀ ଏବଂ ଭାରତୀୟ ସମୁଦାୟଙ୍କ ସହିତ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ଡକ୍ଟର ଜୟଶଙ୍କର ଆସନ୍ତା ୮ ତାରିଖରେ ସିଙ୍ଗାପୁର ଯିବେ। ସେଠାରେ ଅଷ୍ଟମ ଆସିଆନ୍ ଭାରତୀୟ ବୁଦ୍ଧିଜୀବୀ ନେଟ୍‌ୱାର୍କ ଗୋଲ୍‌ଟେବୁଲ୍ ବୈଠକରେ ଯୋଗ ଦେବେ । ଭାରତ-ସିଙ୍ଗାପୁର ମଧ୍ୟରେ ଦ୍ୱିପକ୍ଷୀୟ ସମ୍ପର୍କକୁ ଅଧିକ ସଶକ୍ତ କରିବା ଲାଗି ସେଠାକାର ନେତୃବୃନ୍ଦଙ୍କ ସହିତ ସାକ୍ଷାତ ଆଲୋଚନା କରିବେ ।

# ରାଜନାଥ-ଡିଫେନ୍ସ ଏକ୍ସପୋର୍ଟ

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ କହିଛନ୍ତି ଭାରତର ଆତ୍ମନିର୍ଭର ଅଭିଯାନ ଆଶାନୁରୂପ ଫଳାଫଳ ପ୍ରଦାନ କରୁଛି । ଆସନ୍ତା ୨୦୨୯-୩୦ ସୁଦ୍ଧା ଦେଶର ପ୍ରତିରକ୍ଷା ସାମଗ୍ରୀ ରପ୍ତାନୀ ୫୦ ହଜାର କୋଟି ଟଙ୍କାରେ ପହଞ୍ଚିବ ବୋଲି ଆଶା କରାଯାଉଛି । କାନପୁର ଆଇଆଇଟିର ୬୫ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ସିଂ ଛାତ୍ରଛାତ୍ରୀଙ୍କୁ ସ୍ୱଦେଶୀ ଜ୍ଞାନକୌଶଳ ବିକଶିତ କରିବାକୁ ଆହ୍ୱାନ ଦେଇଛନ୍ତି । ଏହାଦ୍ୱାରା ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତ ସ୍ୱପ୍ନ ସାକାର ହୋଇପାରିବ ବୋଲି ସେ କହିଛନ୍ତି । ଉଚ୍ଚମାନର ଜ୍ଞାନକୌଶଳକୁ ଆପଣାଇବା ପାଇଁ ପ୍ରତିରକ୍ଷାମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ବର୍ତ୍ତମାନର ବୈଶ୍ୱିକ ପ୍ରତିଯୋଗିତା ମୂଳକ ପରିବେଶରେ ଆଇଆଇଟି ଭଳି ଶିକ୍ଷାନୁଷ୍ଠାନ ଦେଶର ବିକାଶକୁ ଅଧିକ ତ୍ୱରାନ୍ୱିତ କରିବ । ଶ୍ରୀ ସିଂ କହିଛନ୍ତି ଦଶବର୍ଷ

ପୂର୍ବେ ପ୍ରତିରକ୍ଷା ରପ୍ତାନୀ ୬ଶହ କୋଟି ଥିବା ବେଳେ ୨୦୨୩-୨୪ ଆର୍ଥିକ ବର୍ଷରେ ଏହା ୨୧ ହଜାର କୋଟି ଟଙ୍କାକୁ ଅତିକ୍ରମ କରିଛି । ପ୍ରତିରକ୍ଷା କ୍ଷେତ୍ରରେ ଆଧୁନିକ ଜ୍ଞାନକୌଶଳର ଉପଯୋଗ ଉପରେ ମନ୍ତ୍ରୀ ଶ୍ରୀ ସିଂ ଗୁରୁତ୍ୱ ପ୍ରଦାନ କରିବା ସହ ଏ କ୍ଷେତ୍ର ପାଇଁ କେନ୍ଦ୍ର ସରକାର ସଂପୂର୍ଣ୍ଣ ସହଯୋଗ ପ୍ରଦାନ କରୁଛନ୍ତି ବୋଲି ପ୍ରତିରକ୍ଷାମନ୍ତ୍ରୀ କହିଛନ୍ତି ।

# ବୁଦ୍ଧିଷ୍ଟ୍ କନଫେଡେରେସନ୍

ପ୍ରଥମ ଆସିଆନ୍ ବୌଦ୍ଧ ଧର୍ମାବଲମ୍ବୀ ସମ୍ମିଳନୀ ଆସନ୍ତା ୫ ଓ ୬ ତାରିଖରେ ଦୁଇଦିନ ଧରି ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହେବ । ସଂସ୍କୃତି ମନ୍ତ୍ରଣାଳୟ ଏବଂ ଆନ୍ତର୍ଜାତିକ ବୌଦ୍ଧ ଧର୍ମାବଲମ୍ବୀ ମହାସଂଘ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଏହି ସମ୍ମିଳନୀରେ ଚଳିତବର୍ଷର ବିଷୟବସ୍ତୁ ରହିଛି **ସଶକ୍ତ ଏସିଆ ଗଠନରେ ବୁଦ୍ଧଧମ୍ମର ଭୂମିକା** । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ସମ୍ମିଳନୀରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।  ଏସିଆ ମହାଦେଶର ବିଭିନ୍ନ ପ୍ରାନ୍ତରରୁ ବୌଦ୍ଧ ସଂସ୍କୃତି ସହ ଜଡ଼ିତ ବ୍ୟକ୍ତିବିଶେଷ, ବିଶେଷଜ୍ଞ, ଅନୁଷ୍ଠାନର ପ୍ରତିନିଧି ଯୋଗ ଦେଇ ମତ ବିନିମୟ କରିବେ।

# ପୁରୀ-ଲାମ୍ବାଷ୍ଟ ଖର୍ଗେ

କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରୀ କଂଗ୍ରେସ ଅଧ୍ୟକ୍ଷ ମିଲ୍ଲିକାର୍ଜୁନ ଖଡଗେ କେନ୍ଦ୍ର ସରକାରଙ୍କ କାର୍ଯ୍ୟଦକ୍ଷତା ଉପରେ ଦେଇଥିବା ମନ୍ତବ୍ୟକୁ

ସମାଲୋଚନା କରିଛନ୍ତି । ଶ୍ରୀ ପୁରୀ କହିଛନ୍ତି ୨୦୧୪ ପରଠାରୁ ବିଜେପି କ୍ରମାଗତ ନିର୍ବାଚନୀ ପ୍ରତିଶ୍ରୁତି ପୂରଣ କରିଆସୁଛି । ଅର୍ଥନୈତିକ, ଜାତୀୟ ନିରାପତ୍ତା ଏବଂ ସାମାଜିକ ଦୃଷ୍ଟିକୋଣରୁ ଦଳ ସବୁକ୍ଷେତ୍ରରେ ପ୍ରତିଶ୍ରୁତି ରକ୍ଷାକରି ଆସିଛି ବୋଲି ସେ କହିଛନ୍ତି । ସମ୍ବଳ ଉପଲବ୍ଧତା ଏବଂ କାର୍ଯ୍ୟକାରିତା ଆହ୍ୱାନକୁ ବିଚାର ନ କରି ବିରୋଧୀ ଦଳ ଅଯଥା ମନ୍ତବ୍ୟ ପ୍ରଦାନ କରୁଛନ୍ତି ବୋଲି ଶ୍ରୀ ପୁରୀ ଅଭିଯୋଗ କରିଛନ୍ତି । କଂଗ୍ରେସ ସରକାରଙ୍କ ତୁଳନାରେ ବିଜେପି ଯୋଜନାବଦ୍ଧ ବିକାଶ ପ୍ରକ୍ରିୟା ଜାରି ରଖିଛି ବୋଲି ସେ କହିଛନ୍ତି ।

ସୂଚନାଯୋଗ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଟ୍ୱିଟ୍‌ର ଜବାବରେ ଶ୍ରୀ ଖଡଗେ ଗତକାଲି ବିଜେପିର କାର୍ଯ୍ୟଶୈଳୀକୁ ସମାଲୋଚନା କରିଥିଲେ ।

## ସ୍ପେନ୍ ଡେଥ୍ ଟ୍ରୋଲ୍

ସ୍ପେନ୍ ପ୍ରଧାନମନ୍ତ୍ରୀ ପେଡ୍ରୋ ସାଞ୍ଚେଜ୍ ବନ୍ୟା ପ୍ରଭାବିତ ଭାଲେନ୍‌ସିଆ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ପାଇଁ ପ୍ରାୟ ୧୦ ହଜାର ପୁଲିସ୍ ଅଧିକାରୀ ଏବଂ ସୁରକ୍ଷା କର୍ମୀଙ୍କୁ ମୁତୟନ କରିଛନ୍ତି । ସେ କହିଛନ୍ତି ଏହି ବନ୍ୟାରେ ମୃତ୍ୟୁସଂଖ୍ୟା ୨୧୧ରେ ପହଞ୍ଚିଛି । ତେବେ ଏହା ଆହୁରି ବୃଦ୍ଧି ପାଇବାର ଆଶଙ୍କା ରହିଛି । ଗତ ସୋମବାରଠାରୁ ହୋଇଥିବା ପ୍ରବଳ ବର୍ଷା ଜନିତ ବନ୍ୟା ପରିସ୍ଥିତି ଯୋଗୁଁ ବିଭିନ୍ନ ଅଞ୍ଚଳରେ ପାନୀୟ ଜଳ,

ଖାଦ୍ୟ ଯୋଗାଣ ଏବଂ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଛି । ୧୭ଶହ ଯବାନ  ସେହି ଅଞ୍ଚଳରେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ନିୟୋଜିତ ଅଛନ୍ତି ବୋଲି ସେ କହିଛନ୍ତି । ଏହି ବନ୍ୟାରେ ନିଖୋଜ ଥିବା ଲୋକମାନଙ୍କୁ ସେମାନଙ୍କ ସଂପର୍କୀୟମାନେ ଖୋଜାଖୋଜି କରୁଛନ୍ତି ବୋଲି ଶ୍ରୀ ସାଞ୍ଚେଜ୍ ସୂଚନା ଦେଇଛନ୍ତି ।

# ଆଇଏଲ୍ଓ ମିଟିଂ ଜେନେଭା

ଅନ୍ତର୍ଜାତୀୟ ଶ୍ରମ ସଂଗଠନର ୩୫୨ତମ ପରିଚାଳନା ବୋର୍ଡ ବୈଠକ ଜେନେଭାରେ ଚାଲିଛି । ଏହା ଗତ ମାସ ୨୮ ତାରିଖରେ ଆରମ୍ଭ ହୋଇଥିବାବେଳେ ଆସନ୍ତା ୭ ତାରିଖରେ ଶେଷ ହେବ । ଏହି ବୈଠକରେ ଶ୍ରମ ଓ ନିଯୁକ୍ତି ସଚିବ ସୁମିତା ଦୌରା ଦାରିଦ୍ର୍ୟର ସମସ୍ତ ଦିଗକୁ ଅନ୍ତର୍ଭୁକ୍ତ କରି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ ସହ ଜୀବନଧାରଣ ମାନରେ ଉନ୍ନତି ଆଣିବା ପାଇଁ ଭାରତର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ । ପ୍ରାଥମିକ ଆକଳନ ଅନୁଯାୟୀ ୨୦୧୬-୧୭ ରୁ ୨୦୨୨-୨୩ ମଧ୍ୟରେ ଦେଶରେ ନିଯୁକ୍ତି ଅଭିବୃଦ୍ଧି ଯୋଗୁଁ ପ୍ରାୟ ୧୭୦ ନିୟୁତ ଲୋକଙ୍କୁ ଅର୍ଥନୈତିକ କାର୍ଯ୍ୟକଳାପରେ ସାମିଲ କରାଯାଇଛି ବୋଲି ସେ କହିଛନ୍ତି । ଶ୍ରୀମତୀ ଦୌରା ପିଏମ୍ ଜନଧନ ଯୋଜନା ଭଳି ସରକାରୀ ପଦକ୍ଷେପ ବିଷୟରେ କହିଥିଲେ ଯେ ବ୍ୟାଙ୍କ୍ ଖାତା ନଥିବା ଲୋକଙ୍କ ପାଇଁ ଆର୍ଥିକ

ବ୍ୟବଧାନକୁ ଏହି ଯୋଜନା ଦୂର କରିଛି ଏବଂ ପିଏମ ଜୀବନ ଜ୍ୟୋତି ଯୋଜନା ଓ ପିଏମ ସୁରକ୍ଷା ବୀମା ଯୋଜନା ଲୋକମାନଙ୍କୁ ବୀମା ସୁରକ୍ଷା ପ୍ରଦାନ କରିଛି ।

# ସାମରିକ ଅଭ୍ୟାସ

ଭାରତ-ଯୁକ୍ତରାଷ୍ଟ୍ର ଆମେରିକା ମିଳିତ ସ୍ୱତନ୍ତ୍ର ସାମରିକ ଅଭ୍ୟାସ **ବଜ୍ର ପ୍ରହାର**ର ଗତକାଲିଠାରୁ ଆମେରିକାର ଇଡାହୋ ସ୍ଥିତ ଓରକାର୍ଡ୍ କମ୍ବାଟ୍ ପ୍ରଶିକ୍ଷଣ କେନ୍ଦ୍ରରେ ଆରମ୍ଭ ହୋଇଛି । ଏହା ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ । ଗତବର୍ଷ ମେଘାଳୟର ଉମ୍‌ରୋଇ ଠାରେ ଡିସେମ୍ବର ମାସରେ ଉଭୟ ଦେଶ ଏହି ମିଳିତ ସମରାଭ୍ୟାସ କରିଥିଲେ । ଭାରତ ଏବଂ ଆମେରିକା ସେନା ମଧ୍ୟରେ ଦ୍ୱିତୀୟ ଥର ପାଇଁ ଏହି ବଜ୍ର ପ୍ରହାର ସମରାଭ୍ୟାସ ଅନୁଷ୍ଠିତ ହେଉଛି । ଉଭୟ ଦେଶରୁ ୪୫ ଜଣ ସେନା କର୍ମୀ ଏଥିରେ ଭାଗ ନେଉଛନ୍ତି ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ଭାରତୀୟ ସେନା ପକ୍ଷରୁ ସ୍ପେଶିଆଲ୍ ଫୋର୍ସେସ୍ ୟୁନିଟ୍ ଅଂଶଗ୍ରହଣ କରିବାକୁ ଥିବା ବେଳେ ଆମେରିକା ସେନା ପକ୍ଷରୁ ଗ୍ରୀନ୍ ବେରେଟ୍ସ ଏଥିରେ ସାମିଲ ହୋଇଛନ୍ତି । ଉଭୟ ଦେଶ ମଧ୍ୟରେ ସାମରିକ ସହଯୋଗ ବୃଦ୍ଧି କରିବା ସହ ପାରସ୍ପରିକ ବୁଝାମଣାକୁ ସୁଦୃଢ଼ କରିବା ପାଇଁ ଏହି ସମରାଭ୍ୟାସର ଆୟୋଜନ କରାଯାଉଛି । ମରୁଭୂମି ଏବଂ ପ୍ରତିକୂଳି ଭୌଗୋଳିକ ପରିସ୍ଥିତିରେ ଉଭୟ ଦେଶର ସେନା ମିଳିତ ଭାବେ ବିଭିନ୍ନ ଅଭିଯାନରେ ସାମିଲ ହେବା ନେଇ ଏହି ସମରାଭ୍ୟାସର ଆୟୋଜନ କରାଯାଉଛି । ସମାରାଭ୍ୟାସରେ ସେନାକର୍ମୀମାନଙ୍କ ଶାରିରୀକ ସୁସ୍ଥତା,

ମିଳିତ ଯୋଜନା ଏବଂ କୌଶଳର ପ୍ରୟୋଗ କରାଯିବା ନେଇ ଏଥିରେ ପ୍ରଶିକ୍ଷଣ ଦିଆଯାଉଛି ।
ସୂଚନାଯୋଗ୍ୟ ଗତ ସେପ୍ଟେମ୍ବର ମାସରେ ରାଜସ୍ଥାନ ଠାରେ **ଯୁଦ୍ଧ ଅଭ୍ୟାସ ୨୦୨୪** ଅନୁଷ୍ଠିତ ହୋଇଥିଲା ।

## ବ୍ୟାଡମିଣ୍ଟନ

ଭାରତର ମହିଳା ବ୍ୟାଡମିଣ୍ଟନ୍ ତାରକା  ମାଳବିକା ବନ୍ଶୋଦ୍ ହାଇଲୋ ଓପନ୍ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ଫାଇନାଲ୍ ପର୍ଯ୍ୟାୟରେ ପହଞ୍ଚିଛନ୍ତି ।

ଜର୍ମାନୀର ସାର୍‌ବ୍ରୁକେନ୍ ଠାରେ ଚାଲିଥିବା ଏହି ପ୍ରତିଯୋଗିତାର ସେମିଫାଇନାଲ୍‌ରେ ଗତକାଲି ଡେନ୍‌ମାର୍କର ଜୁଲେ ଦାଓ୍ୱଲ୍ ଜାକୋବ୍‌ସେନ୍‌ଙ୍କୁ ୨୩-୨୧ ଓ ୨୧-୧୮ ସେଟ୍‌ରେ ପରାସ୍ତ କରିଛନ୍ତି । ମହିଳା ଏକକ ବର୍ଗର ଟାଇଟଲ୍ ହାସଲ ପାଇଁ ମାଳବିକା ଆଜି ଡେନମାର୍କର ମିଆଁ ବ୍ଲିଚ୍‌ଫେଲ୍‌ଡଙ୍କୁ ଭେଟିବେ ।

## କ୍ରିକେଟ : ଇଣ୍ଡିଆ-ନ୍ୟୁଜିଲାଣ୍ଡ

ମୁମ୍ବାଇର ଓ୍ୱାଙ୍ଖେଡେ ଷ୍ଟାଡିୟମରେ ଚାଲିଥିବା ଭାରତ-ନ୍ୟୁଜିଲାଣ୍ଡ ତୃତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ର ତୃତୀୟ ଦିନର ଖେଳ ଆଜି ନ୍ୟୁଜିଲ୍ୟାଣ୍ଡ ତା'ର ଦ୍ୱିତୀୟ ଇନିଂସ ୯ ଓ୍ୱିକେଟ୍‌ରେ ୧୭୧ ରନ୍‌ରୁ ବ୍ୟାଟିଂ

ଆରମ୍ଭ କରିବ । ଏପର୍ଯ୍ୟନ୍ତ ନ୍ୟୁଜିଲ୍ୟାଣ୍ଡ ୧୪୩ ରନ୍‌ରେ ଆଗୁଆ ରହିଛି । ଭାରତ ପକ୍ଷରୁ ରବିନ୍ଦ୍ର ଜାଡ଼େଜା ୪ଟି ଓ୍ୱିକେଟ୍ ଏବଂ ରବିଚନ୍ଦ୍ରନ୍ ଅଶ୍ୱିନୀ ୩ଟି ଓ୍ୱିକେଟ୍ ହାସଲ କରିଛନ୍ତି ।

ପୂର୍ବରୁ ଭାରତ ତା'ର ଦ୍ୱିତୀୟ ଇନିଂସ୍‌ରେ ୨୬୩ ରନ୍ ସଂଗ୍ରହ କରିଥିଲା । ଶୁଭମନ୍ ଗୀଲ୍ ୯୦ ରନ୍ ଏବଂ ରିଷଭ୍ ପନ୍ଥ ୬୦ ରନ୍ କରିଥିଲେ । ଏହି ଯୋଡ଼ି ୧୧୪ଟି ବଲରୁ ୯୬ ରନ୍ କରିଥିଲେ ।

# ଆର୍ଚେରୀ

ସୁଇସ୍ ଓପନ୍ ଇନ୍‌ଡୋର ତୀର ଚାଳନା ପ୍ରତିଯୋଗିତାରେ ଭାରତର ଅତନୁ ଦାସ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ସ୍ୱୀଜରଲ୍ୟାଣ୍ଡର ଲାଉସାନେ ଠାରେ ଚାଲିଥିବା ଏହି ପ୍ରତିଯୋଗିତାରେ ଅତନୁ ସ୍ୱୀଜରଲ୍ୟାଣ୍ଡର ଥୋମାସ୍ ରୋଫରଙ୍କୁ ୬-୪ ପଏଣ୍ଟରେ ପରାସ୍ତ କରି ରିକର୍ଭ ପୁରୁଷ ଏକକ ବର୍ଗରେ ଏହି ସଫଳତା ହାସଲ କରିଛନ୍ତି । ପୂର୍ବରୁ ସେମିଫାଇନାଲ୍ ପର୍ଯ୍ୟାୟରେ ଅତନୁ ତାଙ୍କର ରୋମାନ ପ୍ରତିପକ୍ଷଙ୍କଠାରୁ ୪-୬ ପଏଣ୍ଟରେ ପରାସ୍ତ ହୋଇଥିଲେ ।

ସୂଚନାଯୋଗ୍ୟ ଗତ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ୩୧ଟି ଦେଶର ୩୦୦ ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି ।